OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 5 Issue 1 [Jan- Feb] Year 2026*

I J C R M

International Journal of Contemporary Research In Multidisciplinary

*Research Article*

# ଶବ୍ଦାତୀତ ସ୍ୱର: ଭାଷା, ସଙ୍କେତ ଓ ନୀରବତାର ଦର୍ଶନ

**ଜ୍ଞାନୀ ଦେବାଶିଷ ମିଶ୍ର**

ସହକାରୀ ପ୍ରାଧାପକ,ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ,କଟକ, ଓଡ଼ିଶା,ଭାରତ

**Corresponding Author:** *ଜ୍ଞାନୀ ଦେବାଶିଷ ମିଶ୍ର

**DOI:** https://doi.org/10.5281/zenodo.20485046

**ସାରାଂଶ**

ଏହି ପ୍ରବନ୍ଧରେ ଭାଷାକୁ କେବଳ ଏକ ଯାନ୍ତ୍ରିକ ଧ୍ୱନିଭିତ୍ତିକ ମାଧମ ବା ବ୍ୟାକରଣର ସୀମା ଭିତରେ ଆବଦ୍ଧ ନରଖି ଏହାର ବ୍ୟାପକ ଦାର୍ଶନିକ ତଥା ପ୍ରାୟୋଗିକ ଦିଗ ଉପରେ ବିସ୍ତୃତ ଆଲୋକପାତ କରିବାର ପ୍ରୟାସ କରାଯାଇଛି। ଏକବିଂଶ ଶତାବ୍ଦୀର କୃତ୍ରିମ ବୁଦ୍ଧିମତ୍ତା (AI) ତଥା ନାଚୁରାଲ ଲାଙ୍ଗୁଏଜ୍ ପ୍ରୋସେସିଂ (NLP) ଯୁଗରେ ଭାଷାର ଏହି ଅଦୃଶ୍ୟ ଦିଗଗୁଡ଼ିକୁ ବିଶ୍ଳେଷଣ କରିବାର ଆହ୍ୱାନ ତଥା ଡିଜିଟାଲ୍ ସ୍ଥାପତ୍ୟ ମାଧମରେ ଭାଷାର ସଂରକ୍ଷଣ ଓ ବିଶ୍ୱବ୍ୟାପୀ ଭବିଷ୍ୟତ ଉପରେ ଏହି ପ୍ରବନ୍ଧଟି ଆଲୋକପାତ କରିଛି। ସାମଗ୍ରିକ ଭାବରେ ଏହି ଅଧ୍ୟୟନରେ ଭାଷା ସହିତ ସମାଜ, ସଂସ୍କୃତି ତଥା ମନସ୍ତତ୍ତ୍ୱର ପାରସ୍ପରିକ ସମ୍ପର୍କକୁ ଏକ ନୂତନ ଦୃଷ୍ଟିକୋଣରୁ ଉପସ୍ଥାପନ କରିବାର ପ୍ରୟାସ ନିହିତ।

**Manuscript Information**

- **ISSN No:** 2583-7397
- **Received:** 08-01-2026
- **Accepted:** 26-02-2026
- **Published:** 28-02-2026
- **IJCRM:**5(1); 2026: 936-939
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଜ୍ଞାନୀ ଦେବାଶିଷ ମିଶ୍ର. ଶବ୍ଦାତୀତ ସ୍ୱର: ଭାଷା, ସଙ୍କେତ ଓ ନୀରବତାର ଦର୍ଶନ. Int J Contemp Res Multidiscip. 2026;5(1):936-939.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦାବଳୀ :** ଭାଷା ଦର୍ଶନ, ନୀରବତା, ଚିତ୍ରଭାଷା, ସାଙ୍କେତିକତା, ମନସ୍ତତ୍ତ୍ୱ, ଐତିହ୍ୟ, ଶବ୍ଦର ବ୍ୟବଧାନ, ଡିଜିଟାଲ୍ ସ୍ଥାପତ୍ୟ।


© 2026 ଜ୍ଞାନୀ ଦେବାଶିଷ ମିଶ୍ର. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପରିଚୟ

ଭାଷା ଗୋଟିଏ ଜାତିର ପ୍ରାଣ। ଭାଷାକୁ ନେଇ ଜୀବନଚର୍ଯ୍ୟା ଓ ଅଭିବ୍ୟକ୍ତି। ଭାଷାକୁ ନେଇ ସାହିତ୍ୟ। ସାହିତ୍ୟକୁ ନେଇ ଜାତିର ପରିଚୟ ଓ ଗର୍ବ। ଭାଷାର ପ୍ରୟୋଗାତ୍ମକ ବିକାଶ ପାଇଁ ସାହିତ୍ୟ କ୍ଷେତ୍ର ପ୍ରସ୍ତୁତ କରେ ସତ, ମାତ୍ର କେବଳ ସାହିତ୍ୟ ହିଁ ଭାଷାକୁ ବଞ୍ଚାଇ ରଖିପାରେ ନାହିଁ। ଭାଷାଟିଏ ପ୍ରୟୋଗର ବିବିଧ ପରିସର ପାଇଲେ ହିଁ ବଞ୍ଚି ରହିଥାଏ। ଏଣୁ ଭାଷା ଯଦି ଜ୍ଞାନ ଓ ଜିଜ୍ଞାସା ପରିପୂର୍ତ୍ତିରେ ସହାୟକ ହେବ ନାହିଁ, ତା'ର ପ୍ରୟୋଗକ୍ଷେତ୍ର ପ୍ରଭାବିତ ହେବାକୁ ବାଧ୍ୟ।

## ଗବେଷଣା ପଦ୍ଧତି

ଭାଷା ଓ ସାହିତ୍ୟର ପାରସ୍ପରିକ ସମ୍ପର୍କ ତଥା ପୂର୍ବସୂରୀମାନଙ୍କର ଅଧ୍ୟୟନକୁ ଆଧାର କରି ଏହି ଆଲୋଚନାର ପ୍ରାରମ୍ଭିକ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ମୁଖ୍ୟତଃ ସାମାଜିକ-ଭାଷାବିଜ୍ଞାନ (Sociolinguistics) ତଥା ସାଙ୍କେତିକତା (Semiotics) ଅଧ୍ୟୟନ ପଦ୍ଧତିକୁ ଭିତ୍ତି କରି ଏହି ପ୍ରବନ୍ଧଟି ଲେଖିବାର ପ୍ରୟାସ କରାଯାଇଛି। ଏକ ସାମାଜିକ-ଭାଷାବିଜ୍ଞାନ (Sociolinguistic) ତଥା ସାଙ୍କେତିକ (Semiotic) ଦୃଷ୍ଟିକୋଣରୁ ପାରମ୍ପରିକ ଭାଷାତତ୍ତ୍ୱର ସଂକୀର୍ଣ୍ଣ ପରିସରକୁ ଅତିକ୍ରମ କରି ଚିତ୍ର, ସ୍ଥାପତ୍ୟ ତଥା ନୀରବତା ଭିତରେ ଲୁଚି ରହିଥିବା ଭାବର ଗଭୀରତାକୁ ଅନୁଶୀଳନ କରିବା ସହ 'ଶବ୍ଦ ଭିତରେ ଥିବା ବ୍ୟବଧାନ'ର ମହତ୍ତ୍ୱକୁ ଏହି ପ୍ରବନ୍ଧରେ ବିଶ୍ଳେଷଣ କରାଯାଇଛି। ମଞ୍ଚକଳା ତଥା ନାଟକରେ ପ୍ରୟୋଗ ହେଉଥିବା ଅଦୃଶ୍ୟ ଅଭିବ୍ୟକ୍ତି, ବସ୍ତୁନିଷ୍ଠ ପରିଭାଷା ତଥା ଆଧୁନିକ ଯାନ୍ତ୍ରିକ ଜୀବନର ନିଃସଙ୍ଗତା ଭିତରେ ସୃଷ୍ଟି ହେଉଥିବା ନୂତନ ସାଙ୍କେତିକ ଭାଷା ଏହି ପ୍ରବନ୍ଧର ଅନ୍ୟତମ ପ୍ରମୁଖ ଆଧାର।

## ବିଶ୍ଳେଷଣ

### ୧. ବାକ୍ ଓ ଅବାକ୍‌ର ସୀମାରେଖା: ଚିତ୍ର ଓ ସ୍ଥାପତ୍ୟର ଭାଷା

ଭାଷା ଭାବ ପ୍ରକାଶର ମାଧ୍ୟମ। ଅଭିବ୍ୟକ୍ତି ପ୍ରକାଶର ବାହକ। ଏଇ କଥା କହିକହି ଶ୍ରେଣୀଗୃହରେ ଆମେ ଭାଷା ଅଧ୍ୟୟନ କରୁ। କିନ୍ତୁ ଜୀବନ ପ୍ରବାହରେ ଭାଷାକୁ ନେଇ ବା ଭାଷା ଦ୍ୱାରା ଯେ କିପରି ମଣିଷ ନିଜକୁ ଲୁଚାଇ ଦେଇପାରେ ସେକଥା ମଧ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର। ଯାହାର ଧ୍ୱନି ନାହିଁ ତାହା ହୁଏତ ଭାଷାବିଜ୍ଞାନର ମାପଦଣ୍ଡରେ ଭାଷାର ମାନ୍ୟତା ପାଇ ନପାରେ; ମାତ୍ର ଚିତ୍ର, ଦୃଶ୍ୟ ଓ ନୀରବତାର ମଧ୍ୟ ଭାଷା ଅଛି। ସେଥିପାଇଁ ଭାଷାବିଜ୍ଞାନରେ ଚିତ୍ରଭାଷା ଓ Sign Languageର ଉଦାହରଣ ଦିଆଯାଏ। ଧ୍ୱନି କି ଲିପି ନଥାଇ ମଧ୍ୟ ଠାରର ଭାଷା ଥାଏ। ଭାଷା ଥାଏ ଚିତ୍ରର ଓ ସ୍ଥାପତ୍ୟର। ଯେଉଁଠି ଯେତେ ନୀରବତା, ସେଇଠି ସେତେ ବ୍ୟାପକ ଓ ସମ୍ଭାବନାମୟ ପାଲଟିଥାଏ ଅର୍ଥର ସମ୍ଭାବନା।

ଚିତ୍ରଟିଏ ଲିପିରେ ରୂପାନ୍ତରିତ ହେବା ଭାବ ପ୍ରକାଶନ ଦୃଷ୍ଟିରୁ ସାର୍ଥକ ହୋଇପାରେ ମାତ୍ର ବ୍ୟାପକ ଦୃଷ୍ଟିରୁ ବିଚାର କଲେ ଏହା ଏକ ସୀମିତତା ଓ ବନ୍ଧନ ଭିତ୍ତିକ ପ୍ରକ୍ରିୟା। ସେଇଥିପାଇଁ ହୁଏତ ଚିତ୍ରକଳା ଓ ସ୍ଥାପତ୍ୟଗୁଡ଼ିକ ନିର୍ମାଣର ଏତେକାଳ ପରେ ମଧ୍ୟ ଆଜି ଜୀବନ୍ତ ଓ ଅର୍ଥଦ୍ୟୋତକ ମନେ ହୁଅନ୍ତି। ସାହିତ୍ୟ ସହିତ ଚିତ୍ରଭାଷାର ସଂପର୍କ ଅତ୍ୟନ୍ତ ସୂକ୍ଷ୍ମ। କେବେକେବେ ପୋଥି ଲେଖୁଲେଖୁ ଲିପିକାରଟିଏ ବଳକା ସ୍ଥାନରେ ଆଙ୍କିଦେଇପାରେ ତା' ସମୟଖଣ୍ଡ କି ଜୀବନଜଞ୍ଜାଳର ମନସ୍ତତ୍ତ୍ୱ। ପୁଣି କେବେ ଚିତ୍ରବନ୍ଧରେ ଲେଖାଯାଇ ପାରେ କାବ୍ୟ। ଆଉ କେବେ ଲେଖିଲାବେଳେ କାଟିଦେଇଥିବା ଅଂଶକୁ ସମନ୍ୱିତ କରି ଜଣେ କିଏ ବିଶିଷ୍ଟ ବ୍ୟକ୍ତିବିଶେଷ ଆଙ୍କି ଦେଇଥାନ୍ତି ଚିତ୍ରଟିଏ। ଏ ସବୁକୁ କ'ଣ ସାଧାରଣ ଚିତ୍ରଟିଏ କହି ଖସିଯିବା ସମ୍ଭବ! ଭାଷାର ପରିସର କଥା ଆଲୋଚନାବେଳେ ଏଇ ଚିତ୍ରଭାଷ୍ୟର ଅବବୋଧ-ଅନୁଶୀଳନ-ଅନୁସନ୍ଧାନ ଓ ପରିଚର୍ଚ୍ଚା ତେଣୁ ଏକାନ୍ତ ଜରୁରି।

ସ୍ଥାପତ୍ୟଟିଏ ଗଢୁଗଢୁ ଶିଳ୍ପୀର ଶ୍ରମ ଓ ମନସ୍ତତ୍ତ୍ୱ, ଧର୍ମର ଉଦାରତା କିମ୍ବା ବାଧ୍ୟବାଧକତା, ଶାସକର ଅନୁରାଗ କିମ୍ବା ଆଦେଶ ଯେ ସ୍ଥାପତ୍ୟକୁ ପ୍ରଭାବିତ କରିନଥିବ ବୋଲି ଆମେ କ'ଣ କହିପାରିବା! ଚିତ୍ର ଓ ସ୍ଥାପତ୍ୟର ଭାଷା ତେଣୁ ଅଧିକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣର ଆବଶ୍ୟକତା ଅଛି। ଏସବୁର ଉପଯୁକ୍ତ ଅଧ୍ୟୟନ ନହେଲେ ଅସ୍ମିତାର ସ୍ୱାତନ୍ତ୍ର୍ୟ ଓ ମହନୀୟତା କ'ଣ ସାଇତି ରଖିବା ସମ୍ଭବପର!

### ୨. ସାଙ୍କେତିକ ଅଭିବ୍ୟକ୍ତି ଓ ଶବ୍ଦାତୀତ ବ୍ୟବଧାନ

ପୁନଶ୍ଚ ନୀରବ ପ୍ରତିକ୍ରିୟା, ଧ୍ୱନିରହିତ ବା ଧ୍ୱନିଯୁକ୍ତ ଆବେଗ ପ୍ରକାଶ ଭିତରେ ବି ଭାଷାଟିଏ ହିଁ ଲୁଚି ନଥାଏ କି! ଛଳନା, କ୍ରୋଧ, ବିରକ୍ତି, ପ୍ରେମ, କରୁଣା, ଅପତ୍ୟ ସ୍ନେହ, ନୀରବତା ଭଳି ବିବିଧ ଆବେଗ ଭିତରେ ବି ଲୁଚି ରହିଥାଏ ଭାଷାର ହଜାରେ ଚିହ୍ନ। ବୁଝି ପାରିଲେ ହେଲା କେବଳ। ଅବଶ୍ୟ ଯାହା ସଙ୍କେତ ପ୍ରକାଶ କରେ ତା'କୁ ଭାଷା କୁହାଯାଇପାରେ। ସାଙ୍କେତିକ ଭାଷା ଓ ସଙ୍କେତ ପ୍ରକାଶ କରିବା ଏକା କଥା ନୁହେଁ। ଏଇ ଧରନ୍ତୁ ଆପଣ ଠିଆ ହୋଇଛନ୍ତି ତିନିମହଲା ଉପର ଛାତରେ। ଜଣେ କିଏ ଡାକିଲା ତଳୁ ବିନା ପାଟିରେ, ହାତ ଠାରିଲା କେବଳ। ସଙ୍କେତ ଦେଲା ବୋଲି ଆପଣ ଓହ୍ଲାଇଲେ ତଳକୁ। ଭାଷା ସାଙ୍କେତିକତାର ମାନ୍ୟତା ପାଇଲା।

ପୁନଶ୍ଚ ଆପଣ ଭାବନ୍ତୁ ଯେ ଆପଣ ନୂଆ ହୋଇ ଯାଇଛନ୍ତି ଗୋଟିଏ ଭଡ଼ାଘରକୁ। ଅପେକ୍ଷା କରିଛନ୍ତି ମନେମନେ ଏଠି ଖବରକାଗଜ ଦେଉଥିବା ଲୋକଟିଏକୁ କହିବେ ଆପଣଙ୍କୁ ମଧ୍ୟ ସକାଳୁ ସକାଳୁ ଖବରକାଗଜ ଦେବା। ଆପଣ ତାକୁ ଅପେକ୍ଷା କରି କାନକୁ ଦାଣ୍ଡପଟକୁ ଡେରିଦେଇ ଘର କବାଟକୁ ଦରଆଉଜା କରି ବସିଛନ୍ତି। ସେ 'ପେପର୍' ବୋଲି ଡାକିବା ମାତ୍ରେ ବା ଆପଣଙ୍କ ପଡ଼ିଶା ଘରେ ଖବରକାଗଜଟିଏ ପଡ଼ିବା ମାତ୍ରେ ଆପଣ ଦାଣ୍ଡପଟେ ହାଜର। ସେ ଆପଣଙ୍କୁ କିଛି କହିନି କିନ୍ତୁ ଆପଣ ବୁଝିଲେ ଯେ ନିଶ୍ଚୟ ଖବରକାଗଜବାଲା ହେଇଥିବ। ଇଏ ମଧ୍ୟ ଏକ ପ୍ରକାରେ ଭାଷା। ଧ୍ୱନି ନଥାଇ ମଧ୍ୟ ଏମିତି ହଜାରେ ଭାଷାର ଉଦାହରଣ ମିଳିବ ଆମ ଜୀବନରେ।

ସେଇଥିପାଇଁ ସମ୍ଭବତଃ ଶବ୍ଦ ଭିତରେ ଥିବା ବ୍ୟବଧାନ ବା 'Gap between the words' ହୋଇଯାଏ ସାହିତ୍ୟ ଅଧ୍ୟୟନ ବେଳର ମାନଦଣ୍ଡ। ଯାହା କୁହାଗଲା ଯେତିକି ଗୁରୁତ୍ୱପୂର୍ଣ୍ଣ, ତା'ଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଯାହା ନକହିବା ପାଇଁ ଏ କଥା କୁହାଗଲା ବା ଯାହାକୁ ଲୁଚାଇଦେବା ପାଇଁ ଏକଥା କୁହାଗଲା। ସଂସ୍କୃତି, ପରମ୍ପରା, ଲୋକାଚାର, ଲୋକବିଶ୍ୱାସ ଅଧ୍ୟୟନ କାଳରେ ତେଣୁ ଭାଷାର ପ୍ରୟୋଗ ଲକ୍ଷ୍ୟ କରିବା ଯେତିକି ଆବଶ୍ୟକ ତା'ଠୁ ଅଧିକ ଆବଶ୍ୟକ ଭାଷାରେ ପ୍ରୟୋଗ ହୋଇଥିବା ଶବ୍ଦର ଲକ୍ଷଣା, ବ୍ୟଞ୍ଜନା ଓ ବ୍ୟୁତ୍ପତ୍ତି ଜାଣିବା। କେବଳ ଅଭିଧାର୍ଥକୁ ଧରି ଭାଷାକୁ ମାଜିବସିଲେ ଶବ୍ଦପ୍ରୟୋଗର ବିବିଧତା ହଜିଯିବ ନିଶ୍ଚୟ। ଭାଷା ମଧ୍ୟ ମନସ୍ଥିତି ଓ ମନସ୍ତତ୍ତ୍ୱର ବାହକ। ଆମ ସାହିତ୍ୟ ପରମ୍ପରାରେ ଗୋଟିଏ 'ଆଃ' ବା 'ଆହା' କିମ୍ବା ଗୋଟିଏ 'ଇସ୍!' କିଛି ନକହି ହଜାରେ ସମ୍ଭାବ୍ୟ କଥାର ବଖାଣ କରିପାରନ୍ତି। ସେଥିପାଇଁ ଭାଷା ଗୋଟିଏ ବ୍ୟାପ୍ତି, ଗୋଟିଏ ପ୍ରବାହ। ଯାହା ଅନ୍ୟ ସହିତ ମିଶି ବିସ୍ତୃତି ପାଏ। ଅବଶ୍ୟ ଠାଏଠାଏ ପ୍ରଭାବିତ ଓ ପ୍ରଦୂଷିତ ବି ହୁଏ।

### ୩. ମଞ୍ଚମାୟା, ଆଙ୍ଗିକ ଅଭିନୟ ଓ ନୀରବତାର ଭାଷା

ଅଭିବ୍ୟକ୍ତିର ଅନ୍ୟ ଏକ ଶକ୍ତିଶାଳୀ ମାଧ୍ୟମ ହେଉଛି ମଞ୍ଚକଳା ତଥା ନାଟକ। ନାଟକରେ କେବଳ ସଂଳାପ ହିଁ ସବୁକିଛି ନୁହେଁ। ସଂଳାପ ବିନିମୟ ମଧ୍ୟରେ ଥିବା ନୀରବତା ବା ବିରତି ଅନେକ ସମୟରେ ବାକ୍ୟଠାରୁ ଅଧିକ କଥା କହିଯାଏ। ଓଡ଼ିଆ ନାଟ୍ୟ ପରମ୍ପରା ଓ ସାଂପ୍ରତିକ ନାଟକର ଧାରାକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ମଞ୍ଚ ଉପରେ ଏକ ଚରିତ୍ରର ଗତିବିଧି, ଆଲୋକ ସମ୍ପାତ ତଥା ତା'ର ଦେହର ଭାଷା ଏକ ସ୍ୱତନ୍ତ୍ର ଅଦୃଶ୍ୟ ଭାଷା ସୃଷ୍ଟି କରେ। ଗୋପାଳ ଦାଶଙ୍କ ଭଳି ଐତିହାସିକ ବ୍ୟକ୍ତିତ୍ୱଙ୍କ ସମୟରୁ ଆରମ୍ଭ କରି ଆଜିର


© 2026 ଜ୍ଞାନୀ ଦେବାଶିଷ ମିଶ୍ର. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସମସାମୟିକ ମଞ୍ଚ ପର୍ଯ୍ୟନ୍ତ, ସାମାଜିକ ସମସ୍ୟା କିମ୍ବା ସାଂସ୍କୃତିକ ଆଦାନପ୍ରଦାନକୁ ଦର୍ଶାଉଥିବା ନାଟକଗୁଡ଼ିକରେ କେବଳ ଲିଖିତ ଶବ୍ଦ ଉପରେ ନିର୍ଭର କରାଯାଏ ନାହିଁ। ଏକଦା ବିବିଧ ଆନ୍ଦୋଳନ ସମୟରେ ତଥା ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ମଞ୍ଚଗୁଡ଼ିକ ଯେଉଁ ଭୂମିକା ଗ୍ରହଣ କରିଥିଲେ, ତାହା କେବଳ ଶବ୍ଦର ଖେଳ ନଥିଲା। ତାହା ଥିଲା ଆବେଗ, ସଂଘର୍ଷ ଓ ନୀରବ ପ୍ରତିବାଦର ସମ୍ମିଳିତ ସ୍ୱର। ପୃଷ୍ଠଭୂମିର ସଙ୍ଗୀତ ତଥା ଅଭିନେତାର ଦୃଷ୍ଟି ନିକ୍ଷେପ ମାଧ୍ୟମରେ ଦର୍ଶକ ସହିତ ଯେଉଁ ସମ୍ପର୍କ ସ୍ଥାପିତ ହୁଏ, ତାହା ପାଠ୍ୟ ବାହାରେ ଏକ ବୃହତ୍ତର ଅର୍ଥ ପ୍ରଦାନ କରି ନାଟକକୁ ଅଧିକ ମର୍ମସ୍ପର୍ଶୀ କରିଥାଏ। ମଞ୍ଚ ଉପରେ ମଧ୍ୟ ଚରିତ୍ରର ସଂଳାପବିହୀନ ଗତିବିଧି, ଆଲୋକ ସମ୍ପାତ ତଥା ତା'ର ଶାରିରୀକ ଭାଷା ଏକ ସ୍ୱତନ୍ତ୍ର ଅଦୃଶ୍ୟ ଅର୍ଥବୋଧ ସୃଷ୍ଟି କରିବାକୁ ସକ୍ଷମ ହୁଏ।

ପ୍ରାଚୀନ ଭାରତୀୟ ପରମ୍ପରାରେ ମୁନି ଭରତଙ୍କ ରଚିତ 'ନାଟ୍ୟଶାସ୍ତ୍ର' ଏହି ପ୍ରସଙ୍ଗରେ ବିଶେଷ ପ୍ରଣିଧାନଯୋଗ୍ୟ। ଏଥିରେ ବର୍ଣ୍ଣିତ 'ଆଙ୍ଗିକ ଅଭିନୟ' ପ୍ରମାଣ କରେ ଯେ ଭାଷା କେବଳ କଣ୍ଠରୁ ନୁହେଁ, ବରଂ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗରୁ ମଧ୍ୟ ସୃଷ୍ଟି ହୋଇପାରେ। ଶାରୀରିକ ମୁଦ୍ରା, ହସ୍ତ ସଞ୍ଚାଳନ ତଥା ମୁଖମଣ୍ଡଳର ଭାବଭଙ୍ଗୀ ବାଚିକ ଶବ୍ଦର ବିନା ସାହାଯ୍ୟରେ ଏକ ସ୍ୱୟଂସମ୍ପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିପାରେ। ଏହି ଆଙ୍ଗିକ ଅଭିନୟର ସର୍ବୋତ୍କୃଷ୍ଟ ରୂପ ହେଉଛି ମୂକ ଅଭିନୟ ବା 'Mime'। ଏହି ପ୍ରଦର୍ଶନୀଧର୍ମୀ କଳାରେ ସଂଳାପ ନଥାଏ। ଶବ୍ଦ ଉଚ୍ଚାରଣ ନକରି ଜଣେ ଅଭିନେତା କେବଳ ନିଜ ଶରୀରର ଭାଷା ମାଧ୍ୟମରେ ହସ, କାନ୍ଦ, ସଂଘର୍ଷପୂର୍ଣ୍ଣ ଏକ ଜଟିଳ କାହାଣୀକୁ ଦର୍ଶାଏ। ଏଠାରେ ନୀରବତା ନିଜେ ହିଁ ଏକ ଶକ୍ତିଶାଳୀ ବକ୍ତା ପାଲଟିଯାଏ ଏବଂ ଶରୀରର ପ୍ରତିଟି ମାଂସପେଶୀ ଗୋଟିଏଗୋଟିଏ ଜୀବନ୍ତ ଶବ୍ଦର ରୂପ ନିଏ। ଏହି ଅଦୃଶ୍ୟ ଭାଷା ପାଠ୍ୟ ବାହାରେ ଏକ ବୃହତ୍ତର ଅର୍ଥ ପ୍ରଦାନ କରି ନାଟକକୁ ଜୀବନ୍ତ କରିଥାଏ।

## ୪. ଗଣିତର ଗାମ୍ଭୀର୍ଯ୍ୟ ଓ ବିଜ୍ଞାନର ବ୍ୟାକରଣ: ଏକ ବସ୍ତୁନିଷ୍ଠ ପରିଭାଷା

ସାହିତ୍ୟର ଭାଷା ସାଧାରଣତଃ ଆବେଗ ଓ ଅନୁଭୂତିର ବାହକ ହୋଇଥିବା ବେଳେ ବିଜ୍ଞାନ ଓ ଗଣିତର ଭାଷା ସମ୍ପୂର୍ଣ୍ଣ ରୂପେ ବସ୍ତୁନିଷ୍ଠ ତଥା ଯୁକ୍ତିସମ୍ମତ। ଭାଷା ଯେ କେବଳ କାବ୍ୟକବିତା ଭିତରେ ଆବଦ୍ଧ ନୁହେଁ, ବରଂ ଏହା ଜ୍ଞାନବିଜ୍ଞାନର ଏକ ଶକ୍ତିଶାଳୀ ଆଧାର, ତାହା ଆମର ପାରମ୍ପରିକ ଜ୍ୟୋତିର୍ବିଜ୍ଞାନ ତଥା ଗଣିତଶାସ୍ତ୍ରରୁ ସ୍ପଷ୍ଟ ପ୍ରମାଣିତ ହୁଏ। ଉଦାହରଣସ୍ୱରୂପ, ଆମର ପାରମ୍ପରିକ ପାଞ୍ଜି ଗଣନା ପଦ୍ଧତିକୁ ବିଚାରକୁ ନିଆଯାଇପାରେ। ସୌରମାସ, ଚାନ୍ଦ୍ରମାସ, କିମ୍ବା ମଳମାସର ନିର୍ଦ୍ଧାରଣ ପାଇଁ ଯେଉଁ ଗାଣିତିକ ସୂତ୍ର ଓ ସିଦ୍ଧାନ୍ତର ପ୍ରୟୋଗ କରାଯାଏ, ସେଥିରେ ଏକ ନିର୍ଦ୍ଦିଷ୍ଟ ପରିଭାଷା ବ୍ୟବହୃତ ହୁଏ। ପଠାଣି ସାମନ୍ତଙ୍କ ଭଳି ଜ୍ୟୋତିର୍ବିଦ୍‌ମାନେ ଗ୍ରହନକ୍ଷତ୍ରର ଗତିବିଧି ମାପିବା ପାଇଁ ଯେଉଁ ଶବ୍ଦାବଳୀ ବ୍ୟବହାର କରିଯାଇଛନ୍ତି, ତାହା ସାଧାରଣ ଭାଷା ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଭିନ୍ନଭିନ୍ନ ଅଞ୍ଚଳର ପାଞ୍ଜି, ଯେପରିକି ଜଗନ୍ନାଥ ପାଞ୍ଜି କି ବିରଜା ପାଞ୍ଜିର ଗଣନା ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବାକୁ ହେଲେ ଆମକୁ ସେହି ସ୍ୱତନ୍ତ୍ର ଗାଣିତିକ ଭାଷାକୁ ଅନୁଧାନ କରିବାକୁ ପଡ଼ିବ। ସେହିପରି ଭୂ-ବିଜ୍ଞାନର ଜଟିଳ ପ୍ରକ୍ରିୟାକୁ ବୁଝାଇବା ପାଇଁ ଓଡ଼ିଆ ଭାଷାରେ ଯେଉଁ ପାରିଭାଷିକ ଶବ୍ଦସବୁ ରହିଛି, ତାହାର ପ୍ରୟୋଗ ସାହିତ୍ୟର ଲକ୍ଷଣା ଓ ବ୍ୟଞ୍ଜନା ଠାରୁ ଉର୍ଦ୍ଧ୍ୱରେ। ଭାଷାର ଏହି ବୈଜ୍ଞାନି ରୂପ ଦର୍ଶାଏ ଯେ ଜ୍ଞାନର ପରିସର ଯେତେ ବ୍ୟାପକ ହୁଏ, ଭାଷା ମଧ୍ୟ ସେତେ ନିର୍ଦ୍ଦିଷ୍ଟ ତଥା ପ୍ରାୟୋଗିକ ହୋଇଉଠେ।

## ୫. କୋଳାହଳ ଭିତରେ କାନ୍ଦଣା: ନିଃସଙ୍ଗତା ଓ ଯାନ୍ତ୍ରିକ ଜୀବନର ଭାଷା

ବର୍ତ୍ତମାନର ଯାନ୍ତ୍ରିକ ଯୁଗ ତଥା ସହରୀ ଜୀବନଶୈଳୀ ଭିତରେ ଭାଷାର ସ୍ୱରୂପ ଦ୍ରୁତଗତିରେ ବଦଳିବାରେ ଲାଗିଛି। ଆଧୁନିକ ଡିଜିଟାଲ୍ ସଂସ୍କୃତି ତଥା ନେଟ୍‌ୱାର୍କ୍ ଦୁନିଆରେ ପରସ୍ପର ସହ ସଂଯୁକ୍ତ ଥାଇ ମଧ୍ୟ ମଣିଷ ଭିତରେ ଏକ ପ୍ରକାର ମାନସିକ ଏକାକୀତ୍ୱ ବା ସାମାଜିକ ବିଚ୍ଛିନ୍ନତା ବୃଦ୍ଧି ପାଉଛି। ବିଶେଷକରି ନୂଆ ପିଢ଼ିର ଦୈନନ୍ଦିନ ସଂଘର୍ଷ, ଉଦ୍‌ବେଗ ଓ ପରିଚୟ ସଙ୍କଟ ଏକ ଭିନ୍ନ ପ୍ରକାରର ଭାଷା ଖୋଜୁଛି। ରାସ୍ତାର ଭିଡ଼, ଟ୍ରାଫିକ୍ କୋଳାହଳ କିମ୍ବା ଖୁନ୍ଦାଖୁନ୍ଦି ହୋଇ ଯାଉଥିବା ଷୋହଳ ନମ୍ବର ସିଟି ବସ୍ ଭିତରେ ଝୁଲିଝୁଲି ଯାତ୍ରା କରୁଥିବା ମଣିଷର ନୀରବତା ବି ଅନେକ କଥା କହିଯାଏ। ବାହାରେ ଅସୁମାରୀ କୋଳାହଳ ଥିଲେ ମଧ୍ୟ ଭିତରେ ଥିବା ଏକ ଅବ୍ୟକ୍ତ ଶୂନ୍ୟତା ଗୋଟିଏ ନୂଆ ସାଙ୍କେତିକ ଭାଷାର ରୂପ ନିଏ। ଏହି ସହରୀ ଏକାକୀତ୍ୱ ଭିତରେ ଚିହ୍ନା ମଣିଷ ବି କେମିତି ଅଚିହ୍ନା ହୋଇଯାଏ, ତାହା କେବଳ ଶବ୍ଦରେ ପ୍ରକାଶ କରିହେବ ନାହିଁ। ଏକ ସାଧାରଣ ଲୋକର ଦୈନନ୍ଦିନ ହତାଶା ତଥା ନିଃସଙ୍ଗତାର ଚିତ୍ର ଏବେକାର ଆଧୁନିକ ଗୀତ ଓ କବିତାରେ ପ୍ରତିଫଳିତ ହେଉଛି। ଏଠାରେ ଭାଷା ଆଉ କେବଳ ସୌନ୍ଦର୍ଯ୍ୟର ବାହକ ହୋଇ ରହିନାହିଁ; ବରଂ ଏହା ମଣିଷର ଅନ୍ତରଙ୍ଗ ଯନ୍ତ୍ରଣା ଓ ସାମସମୟିକ ବାସ୍ତବତାକୁ ପ୍ରତିଫଳିତ କରୁଥିବା ଏକ ନୀରବ କାନ୍ଦଣାରେ ପରିଣତ ହୋଇଛି। ଶବ୍ଦ ନୁହେଁ ଇମୋଜୀ ପାଲଟି ଯାଇଛି ନିଜକୁ ବ୍ୟକ୍ତ କରିବାର ପରିଭାଷା। ଭିଡ଼ ଭିତରେ ନିଜକୁ ହଜାଇ ଦେଇଥିବା ମଣିଷଟିର ଏହି ଅଦୃଶ୍ୟ ଓ ସାଙ୍କେତିକ ଭାଷା ମଧ୍ୟ ଦାର୍ଶନିକ ଅବବୋଧର ଏକ ପ୍ରମୁଖ ଅଙ୍ଗ ଭାବରେ ଗ୍ରହଣ କରାଯାଇପାରେ।

## ୬. ସଂସ୍କୃତିର ସ୍ପନ୍ଦନ ଓ ଐତିହ୍ୟର ସ୍ୱାକ୍ଷର: ଭାଷା ଦର୍ପଣରେ ଅସ୍ମିତାର ଚିତ୍ର

ଭାଷା କେବଳ ଭାବ ବିନିମୟର ଏକ ସାଧାରଣ ଯାନ୍ତ୍ରିକ ମାଧ୍ୟମ ନୁହେଁ, ବରଂ ଏହା ଗୋଟିଏ ଜାତିର ସଂସ୍କୃତି, ପରମ୍ପରା ଓ ଐତିହ୍ୟର ବିଶ୍ୱସ୍ତ ସଂଗ୍ରହାଳୟ। ଗୋଟିଏ ଭାଷାର ବିକାଶକ୍ରମକୁ ଲକ୍ଷ୍ୟ କଲେ ସେହି ଭାଷାଭାଷୀ ଗୋଷ୍ଠୀର ସାମାଜିକ ବିବର୍ତ୍ତନ, ଜୀବନ ଦର୍ଶନ ତଥା ପାରିବାରିକ ମୂଲ୍ୟବୋଧର ନିଛକ ଚିତ୍ର ସ୍ପଷ୍ଟ ହୋଇଯାଏ। ଆମର ପର୍ବପର୍ବାଣି, ଓଷାବ୍ରତ, ଖାଦ୍ୟପେୟ ଓ ପୋଷାକପରିଚ୍ଛଦର ବର୍ଣ୍ଣନା ଯେପରି ନିଜ ମାତୃଭାଷାରେ ପ୍ରାଣବନ୍ତ ହୋଇଉଠେ, ଅନ୍ୟ କୌଣସି ବିଦେଶୀ ବା ଅନୁବାଦିତ ଭାଷାରେ ତାହା କେବେହେଲେ ସମ୍ଭବପର ନୁହେଁ। ଉଦାହରଣ ସ୍ୱରୂପ, ଆମ ପଲ୍ଲୀ ଜୀବନର ସୁଖଦୁଃଖକୁ ବହନ କରୁଥିବା ନାନାବାୟା ଗୀତ, କୃଷିଭିତ୍ତିକ ଢଗଢମାଳି, ପ୍ରବାଦ କିମ୍ବା ଲୋକକଥାଗୁଡ଼ିକ କେବଳ ଶବ୍ଦର ସମାହାର ନୁହଁନ୍ତି; ସେଗୁଡ଼ିକ ଆମ ସାମୂହିକ ଅବଚେତନ (Collective Unconscious) ତଥା ଜାତୀୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏସବୁ ଭିତରେ ଆମ ପୂର୍ବଜମାନଙ୍କର ସାମାଜିକ ଅନୁଭୂତି, କଳାକୌଶଳ ଓ ପ୍ରକୃତି ସହ ଆମର ନିବିଡ଼ ସମ୍ପର୍କ ସର୍ବଦା ରହିଆସିଥାଏ।

ଯେତେବେଳେ ଗୋଟିଏ ଦେଶଜ ଶବ୍ଦ ହଜିଯାଏ ବା ବ୍ୟବହାରରୁ ବାଦ୍ ପଡ଼ିଯାଏ, ସେତେବେଳେ କେବଳ କିଛି ଅକ୍ଷର ମରେ ନାହିଁ, ବରଂ ତା' ସହିତ ଯୋଡ଼ି ହୋଇ ରହିଥିବା ଏକ ନିର୍ଦ୍ଦିଷ୍ଟ ସାଂସ୍କୃତିକ ଦୃଷ୍ଟିକୋଣ, ପାରମ୍ପରିକ ଔଷଧୀୟ ଜ୍ଞାନ ଓ ପରିବେଶଗତ ତଥ୍ୟ ମଧ୍ୟ ଚିରଦିନ ପାଇଁ ବିଲୁପ୍ତ ହୋଇଯାଏ। ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ହସ୍ତାନ୍ତରିତ ହେଉଥିବା ଏହି ଅମୂଲ୍ୟ ସାଂସ୍କୃତିକ ଦସ୍ତାବିଜ ହିଁ କେବଳ ଭାଷା ମାଧ୍ୟମରେ ସୁରକ୍ଷିତ ହୋଇ ରହିଆସିଛି। ଆଜିର ନବପିଢ଼ି ଯେତେବେଳେ ନିଜସ୍ୱ ଭାଷାରୁ ଦୂରେଇ ଯାଇ କେବଳ ବୈଷୟିକ ବା ପାଶ୍ଚାତ୍ୟ ଭାଷାକୁ ଜୀବନଶୈଳୀ ଭାବରେ ଆପଣେଇ ନେଉଛନ୍ତି, ସେତେବେଳେ ସେମାନେ ଜାଣତରେ ହେଉ ବା ଅଜାଣତରେ ନିଜ ଐତିହ୍ୟ ଓ ମାଟିର ଚେରଠାରୁ ବିଚ୍ଛିନ୍ନ ହୋଇପଡୁଛନ୍ତି। ଭାଷାର ମୃତ୍ୟୁ ଘଟିଲେ ଐତିହ୍ୟ ନିରାଶ୍ରୟ ହୋଇଯାଏ। ଜାତି ତା'ର ସ୍ୱାତନ୍ତ୍ର୍ୟ ହରାଇବସେ। ତେଣୁ ସଂସ୍କୃତିର ମହକ ଖୋଜିବାକୁ ହେଲେ ଭାଷାର ମାଟିକୁ ଉର୍ବର କରିବା ନିହାତି ଆବଶ୍ୟକ। ନିଜ ଭାଷା ଓ ପରିଭାଷାରେ ସମୃଦ୍ଧ ଥିବା ଜାତି ହିଁ ନିଜ ଗୌରବମୟ ଐତିହ୍ୟକୁ ନେଇ ବିଶ୍ୱ ଦରବାରରେ ଦୃଢ଼ତାର ସହ ଠିଆ ହୋଇପାରେ।


© 2026 ଜ୍ଞାନୀ ଦେବାଶିଷ ମିଶ୍ର. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ୭. ପୋଥିର ଅକ୍ଷରରୁ ୟୁନିକୋଡ୍: ଡିଜିଟାଲ୍ ସ୍ଥାପତ୍ୟରେ ଭାଷାର ଭବିଷ୍ୟତ

ସାଙ୍କେତିକତା ତଥା ମନସ୍ତତ୍ତ୍ୱ ସହିତ ଭାଷାର ଏହି ଦାର୍ଶନିକ ଦିଗକୁ ଆଗକୁ ନେବାରେ ସାଂପ୍ରତିକ ଡିଜିଟାଲ୍ ରୂପାନ୍ତରଣ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବର୍ତ୍ତମାନ ସମୟରେ କୌଣସି ଭାଷା କେବଳ ଛପା ବହି କିମ୍ବା ପୋଥି ଭିତରେ ସୀମିତ ରହି ବଞ୍ଚିପାରିବ ନାହିଁ। ଭାଷାର ଡିଜିଟାଲ୍ ଉପସ୍ଥିତି ତଥା ଏହାର ବୈଷୟିକ ଉପଲବ୍ଧତା ହିଁ ଏହାର ଆୟୁଷ ନିର୍ଦ୍ଧାରଣ କରୁଛି। ହାତଲେଖା ପୁରୁଣା ଦଲିଲ୍ କିମ୍ବା ଓଡ଼ିଆ ଅକ୍ଷରକୁ ୟୁନିକୋଡ୍‌ରେ ରୂପାନ୍ତରିତ କରିବା କିମ୍ବା ମୋବାଇଲ୍ ମାଧ୍ୟମରେ ମୁକ୍ତ ଜ୍ଞାନକୋଷ ଯେପରିକି ଉଇକିପିଡ଼ିଆରେ ନୂଆ ପ୍ରସଙ୍ଗ ଯୋଡ଼ିବା ଆଦି ପ୍ରକ୍ରିୟା ଭାଷାକୁ ଅଧିକ କ୍ରିୟାଶୀଳ କରୁଛି।

ମୁଦ୍ରିତ ପୁସ୍ତକର ତଥ୍ୟକୁ ସାଇତି ରଖିବା ସହିତ ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ସଠିକ୍ ତଥ୍ୟସୂତ୍ର ପ୍ରଦାନ କରିବା ଦ୍ୱାରା ଓଡ଼ିଆ ଭାଷାର ଗବେଷଣାତ୍ମକ ଦିଗ ବ୍ୟାପକ ହେଉଛି। ଆଜିକାଲି କୃତ୍ରିମ ବୁଦ୍ଧିମତ୍ତା (AI) ତଥା ନାଚୁରାଲ ଲାଙ୍ଗୁଏଜ୍ ପ୍ରୋସେସିଂ (NLP) ଭଳି ନୂତନ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ଭାଷାର ପ୍ରଚାର ଓ ପ୍ରସାର ଏକ ନୂଆ ମୋଡ଼ ନେଇଛି।

ମାତ୍ର ଏଠାରେ ଏକ ବଡ଼ ଆହ୍ୱାନ ମଧ୍ୟ ରହିଛି। ଯନ୍ତ୍ର ଓ ଆଲଗୋରିଦମ୍ ଶବ୍ଦର ବ୍ୟାକରଣ କିମ୍ବା ବାକ୍ୟ ଗଠନକୁ ସହଜରେ ବିଶ୍ଳେଷଣ କରିପାରୁଛି, କିନ୍ତୁ 'ଶବ୍ଦ ଭିତରେ ଥିବା ବ୍ୟବଧାନ', ସାଂସ୍କୃତିକ ନୀରବତା କିମ୍ବା ବ୍ୟଙ୍ଗକୁ ବୁଝିବାରେ ଏବେ ବି ସୀମିତ। ତେଣୁ, କମ୍ପ୍ୟୁଟେସନାଲ୍ ଲିଙ୍ଗୁଇଷ୍ଟିକ୍ସ (Computational Linguistics) କ୍ଷେତ୍ରରେ ଭାଷାର କେବଳ ଯାନ୍ତ୍ରିକ ରୂପକୁ ନୁହେଁ, ବରଂ ଏହାର ସାଙ୍କେତିକ ଓ ଦାର୍ଶନିକ ଗଭୀରତାକୁ ଡିଜିଟାଲ୍ ରୂପ ଦେବା ଆଜିର ଆବଶ୍ୟକତା।

ଭାଷାକୁ ଏକ ମୁକ୍ତ ଓ ଉନ୍ମୁକ୍ତ ପରିସରରେ ରଖିବା ଦ୍ୱାରା ତାହା ବିଶ୍ୱସ୍ତରରେ ସୁଗମ ହୋଇପାରିଛି। ଡିଜିଟାଲ୍ ମାଧ୍ୟମରେ ସୁରକ୍ଷିତ ଥିବା ଗୋଟିଏ ଶବ୍ଦ କିମ୍ବା ପ୍ରବନ୍ଧ ଆଗାମୀ ପିଢ଼ି ପାଇଁ ଏକ ବୃହତ୍ତର ଜ୍ଞାନଭଣ୍ଡାରର ଦ୍ୱାର ଖୋଲିଦିଏ। ଏଣୁ ଦାର୍ଶନିକ ଦୃଷ୍ଟିରୁ ବିଚାର କଲେ, ଆଜିର ଡିଜିଟାଲ୍ ସ୍ଥାପତ୍ୟ ହିଁ ଆସନ୍ତାକାଲି ପାଇଁ ଭାଷାର ସବୁଠାରୁ ବଡ଼ ଚିତ୍ରଭାଷ୍ୟ ଭାବରେ ଠିଆ ହେବ। ତେଣୁ ତାହା ଯଥାସମ୍ଭବ ନିର୍ଭରଯୋଗ୍ୟ ଓ ବିଶ୍ୱସ୍ତ ହେବାର ଯଥେଷ୍ଟ ଆବଶ୍ୟକତା ଅଛି।

## ଉପସଂହାର ଓ ସିଦ୍ଧାନ୍ତ

ସାମଗ୍ରିକ ବିଚାରରୁ ଏହା ସ୍ପଷ୍ଟ ହୁଏ ଯେ, ଭାଷା କେବଳ ଏକ ଯାନ୍ତ୍ରିକ ଧ୍ୱନି ପ୍ରକ୍ରିୟା ନୁହେଁ, ବରଂ ଏହା ମାନବୀୟ ଚେତନା ଓ ଅଭିବ୍ୟକ୍ତିର ଏକ ନିରନ୍ତର ପ୍ରବାହ। ଆମ ଲୋକକଥାର ଫୁଲଗଛଟି ଗପ ସରିଲା ବେଳକୁ ମରିଯାଏ ସିନା, ଭାଷା ସାହିତ୍ୟର ଫୁଲଗଛଟି କିନ୍ତୁ ଗପ ସରିବା ସହିତ ମରିଯାଏ ନାହିଁ। ବରଂ କଅଁଳେ, ବଉଳେ ଆଉ ବଢ଼େ। ବର୍ତ୍ତମାନର ଯୁଗରେ ଯେତେବେଳେ ଆମେ କୃତ୍ରିମ ବୁଦ୍ଧିମତ୍ତାକୁ ଆମର ଭାଷା ଶିଖାଉଛୁ, ସେତେବେଳେ ଏହି ଅଦୃଶ୍ୟ ସାଂସ୍କୃତିକ ଐତିହ୍ୟ ଓ ନୀରବତାର ଅବବୋଧ ଯନ୍ତ୍ର ଭିତରେ ପ୍ରତିରୋପଣ କରିବା ଏକାନ୍ତ ଅପରିହାର୍ଯ୍ୟ, ନଚେତ୍ ଭାଷାର ପ୍ରକୃତ ଆତ୍ମା ହଜିଯିବାର ଆଶଙ୍କା ରହିଛି। ଭାଷା ଯେପର୍ଯ୍ୟନ୍ତ ନୀରବତା, ଚିତ୍ର, ସଙ୍କେତ ଓ ମନସ୍ତତ୍ତ୍ୱର ଗଭୀରତାକୁ ଆଲିଙ୍ଗନ କରି ପ୍ରୟୋଗାତ୍ମକ ଦୃଷ୍ଟିରୁ ସମୃଦ୍ଧ ହେଉଥିବ, ସେପର୍ଯ୍ୟନ୍ତ ଏହାର ଆୟୁଷ ଓ ଆବେଦନ କେବେ ମଳିନ ପଡ଼ିବ ନାହିଁ। ଶବ୍ଦ ଭିତରେ ଥିବା ବ୍ୟବଧାନର ପ୍ରକୃତ ସନ୍ଧାନ ହିଁ ଆମକୁ ପ୍ରଦାନ କରିବ ଏକ ଜୀବନ୍ତ ଭାଷାର ଶ୍ରେଷ୍ଠ ପରିଚୟ।

## ସହାୟକ ଗ୍ରନ୍ଥସୂଚୀ


1. ଆଚାର୍ଯ୍ୟ ବାନାମ୍ବର। *ଭରତ-ମୁନି-ପ୍ରଣିତମ୍ ନାଟ୍ୟ ଶାସ୍ତ୍ରମ୍* (ଅନୁବାଦ)। ପ୍ରଥମ ଭାଗ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ; ୧୯୬୪।
2. ୨. ତ୍ରିପାଠୀ କୁଞ୍ଜବିହାରୀ। *ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ*। ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ଓ ପ୍ରଣୟନ ସଂସ୍ଥା; ୧୯୭୭।
3. ୩. ଦାସ ନୀଳକଣ୍ଠ। *ସଂସ୍କୃତ ଓ ସଂସ୍କୃତି*। ବ୍ରହ୍ମପୁର ଏବଂ କଟକ: ନିୟୁ ଷ୍ଟୁଡେଣ୍ଟସ୍ ଲିମିଟେଡ୍; ୧୯୫୧।
4. ୪. ଧଳ ଗୋଲୋକବିହାରୀ। ଭାଷା। In: ମହାନ୍ତି ବିଜୟଲକ୍ଷ୍ମୀ, ସମ୍ପାଦକ। *ଭାଷା ଭାବନା*। ଭୁବନେଶ୍ୱର: ବିଦ୍ୟା; ୨୦୦୮।
5. ୫. ନାୟକ ପ୍ରହ୍ଲାଦ ଚନ୍ଦ୍ର। *ପଠାଣି ସାମନ୍ତଙ୍କ ଜ୍ୟୋତିର୍ଯ୍ଞାନ*। ଭୁବନେଶ୍ୱର: ଦି ବୁକ୍ ପଏଣ୍ଟ; ୨୦୦୨।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.



**About the Corresponding Author**



ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର ଓଡ଼ିଆ ପ୍ରବନ୍ଧ-ସମାଲୋଚନା ଓ ସମ୍ପାଦନା ସାହିତ୍ୟ ସହିତ ସମ୍ପୃକ୍ତ। ସେ କବିତା ସଙ୍କଳନ 'ଦାଗ' ପାଇଁ ସାହିତ୍ୟ ଏକାଡେମୀ(ନୂଆଦିଲ୍ଲୀ) ଯୁବ ପୁରସ୍କାର ତଥା ଆକାଶବାଣୀ (କଟକ) ତରଫରୁ ପ୍ରସାରିତ ସଙ୍ଗୀତ ରୂପକ 'ସାଇତି ରଖିବା ଆମେ ମେଘର ମୂର୍ଚ୍ଛନା' ରଚନା ନିମନ୍ତେ ଅନ୍ତର୍ଜାତୀୟ ଶ୍ରେଷ୍ଠ ସଙ୍ଗୀତ ରୂପକ ରଚୟିତା ଭାବରେ ମଧ୍ୟ ପୁରସ୍କୃତ। ସମ୍ପ୍ରତି ସେ କଟକରେ ଅବସ୍ଥାନ କରନ୍ତି।



© 2026 ଜ୍ଞାନୀ ଦେବାଶିଷ ମିଶ୍ର. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/